ରବିବାର, ଫେବୃଆରୀ ୨୩, ୨୦୧୪
ପ୍ରଗତିବାଦୀ

# ଆଜି ଆଇସିଏଆଇର ୫୫ତମ ଜାତୀୟ କଷ୍ଟ୍‌କନ୍‌ଭେନସନ

**ଭୁବନେଶ୍ୱର,ତା୨୨।୨(ପିଏନ୍‌ଏସ୍‌):** ଆସନ୍ତା ୨୩ ଓ ୨୪ ଦୁଇଦିନ ଧରି ଇନ୍‌ଷ୍ଟିଚ୍ୟୁଟ ଅଫ୍‌ କଷ୍ଟ୍‌ ଆକାଉଣ୍ଟାଣ୍ଟ ଅଫ୍‌ ଇଣ୍ଡିଆ ପକ୍ଷରୁ ୫୫ତମ ଜାତୀୟ କଷ୍ଟ୍‌କନ୍‌ଭେନସନ ଅନୁଷ୍ଠିତ ହେବ । କଷ୍ଟ ଓ ମୂଲ୍ୟାଙ୍କନର ପ୍ରତିଯୋଗିତା ସହ ଦାୟିତ୍ୱବାନ ପରିଚାଳନା ସମ୍ପର୍କରେ ଏଥିରେ ଆଲୋଚନା ହେବ । ଭାରତୀୟ ଅର୍ଥନୀତି ବର୍ତ୍ତମାନ ଅବସ୍ଥାରୁ ସାରା ବିଶ୍ୱର ପ୍ରତିଯୋଗିତା ସୂଚକାଙ୍କର ଶୀର୍ଷସ୍ତରରେ ପହଞ୍ଚାଇବା ପାଇଁ ଉଦ୍ୟମ ହେଉଛି । ତେବେ ରାଜ୍ୟ ତଥା ଦେଶର ଆର୍ଥିକ ବିକାଶ କ୍ଷେତ୍ରରେ କିପରି ଆବଶ୍ୟକ ପଦକ୍ଷେପ ନିଆଯାଇପାରିବ ସେ ସମ୍ପର୍କରେ ଏହି ସମ୍ମିଳନୀରେ ଆଲୋଚନା ହେବା ବୋଲି ଆଇସିଏଆଇ ସଭାପତି, ସିଏମଏ ସୁରେଶ ମହାନ୍ତି କହିଛନ୍ତି । ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାନ୍ତି କହିଥିଲେ ଯେ ଏହି ଦୁଇଦିନିଆ ସମ୍ମିଳନୀରେ ବିଭିନ୍ନ ସରକାରୀ, ବେସରକାରୀ, ଶିକ୍ଷା ଅନୁଷ୍ଠାନ, ଶିଳ୍ପ କ୍ଷେତ୍ର ଓ ଅନ୍ୟାନ୍ୟ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବେ ବୋଲି ସେ କହିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଏମ୍‌. ଗୋପାଳକ୍ରିଷ୍ଣନ, ଭୁବନେଶ୍ୱର ସେକ୍ଟରର ଅଧ୍ୟକ୍ଷ ବି.କେ. ପଟ୍ଟନାୟକ, ଆଡିସିନାଲ ଅଫିସର ହେମନ୍ତ ବିଶ୍ୱାଳ, ଏସ୍‌.କେ. ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ ।